ମୋହନା ଗସ୍ତରେ ସ୍ୱାସ୍ଥ୍ୟ ସଚିବ : ସମସ୍ୟା ବହୁଳ ମେଡିକାଲକୁ ଉପେକ୍ଷା

ମୋହନା, ୨୯।୪(ଅନୁପମ ମିଡ଼ିଆ): ଦିନିକିଆ ଗଜପତି ଜିଲ୍ଲା ଗସ୍ତରେ ସ୍ୱାସ୍ଥ୍ୟ ସଚିବ ତଥା ଗଜପତି ଜିଲ୍ଲା ନୋଡାଲ ଅଧିକାରୀ ଆଶ୍ୱଥୀ ଏସ ମଙ୍ଗଳବାର ସକାଳ ୧୦ଟାରେ ମୋହନା ବ୍ଲକ କମଳାପୁର ଛକରେ ପହଞ୍ଚିବା ପରେ ତାଙ୍କୁ ଜିଲ୍ଲା ପ୍ରଶାସନ ଓ ମୋହନା ବ୍ଲକ ପ୍ରଶାସନ ସ୍ୱାଗତ କରିଥିଲେ । ପରେ ଲୁହାଗୁଡ଼ିରେ ବିଭିନ୍ନ ଉନୟନ କାର୍ଯ୍ୟ ପରିଦର୍ଶନ କରିଥିଲେ । ଲୁହାଗୁଡ଼ିରେ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ବୁଲି ଦେଖିବା ପରେ ମୋହନାସ୍ଥିତ ଦକ୍ଷତା ବିକାଶ କେନ୍ଦ୍ର ପରିଦର୍ଶନ କରିଥିଲେ । ସେଠାରେ ବିଭିନ୍ନ ମହିଳା ସ୍ୱୟଂ ସହାୟତା ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଅନୁଧ୍ୟାନ କରିଥିଲେ । ପରେ ମୋହନା ଏସଏସଡି ହାଇସ୍କୁଲ ପରିଦର୍ଶନ କରିଥିଲେ । ହାଇସ୍କୁଲରେ ଶ୍ରେଣୀ ଗୃହ ବୁଲି ଦେଖିବା ସହ ଉନୟନ କାର୍ଯ୍ୟର ଅନୁଧ୍ୟାନ କରିଥିଲେ । ହଷ୍ଟେଲ ପରିଦର୍ଶନ କରି ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ବିଦ୍ୟାଳୟରେ ପାନୀୟ ଜଳ ସମସ୍ୟା ଥିବା ନେଇ ସ୍ଥାନୀୟ ଜନ ପ୍ରତିନିଧି ଓ ବିଦ୍ୟାଳୟ କର୍ତ୍ତୃପକ୍ଷ ଜଣାଇଥିଲେ । ତେବେ ମୋହନା ମେଡିକାଲରେ ବିଭିନ୍ନ ଅବ୍ୟବସ୍ଥା ଥିବା ନେଇ ସ୍ଥାନୀୟ ଜନ ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧି ସଚିବଙ୍କୁ ଅବଗତ କରାଇଥିଲେ ମଧ୍ୟ ସଚିବ ସେଠାକୁ ଯାଇନଥିଲେ । ନିଜେ ସ୍ୱାସ୍ଥ୍ୟ ସଚିବ ଥିବା ସତ୍ତ୍ୱେ ନିଜ ବିଭାଗର ସମସ୍ୟା ବୁଝିବାକୁ ନଯିବା ପଛରେ କି ଉଦ୍ଦେଶ୍ୟ ରହିଛି ବୋଲି ସାଧାରଣରେ ଆଲୋଚନା ହେଉଛି ।

ଏନେଇ ଗଣମାଧ୍ୟମ ପ୍ରତିନିଧି ସଚିବଙ୍କୁ ପଚାରିବାରେ ପରବର୍ତ୍ତୀ ସମୟରେ ଦେଖିବା କହି ଚାଲିଯାଇଥିଲେ । ପରେ ଚନ୍ଦ୍ରଗିରି ମେଡିକାଲ ପରିଦର୍ଶନ କରିଥିଲେ । ବ୍ଲକ ସଦର ମହକୁମାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ ନ କରି ଚନ୍ଦ୍ରଗିରି ମେଡିକାଲ ପରିଦର୍ଶନ କରିବାର କି ଉଦ୍ଦେଶ୍ୟ ରହିଛି ବୋଲି ମୋହନା ସମିତି ସଭ୍ୟ ବାଳକୃଷ୍ଣ ମଲିକ ପ୍ରଶ୍ନ କରିଛନ୍ତି । ମୋହନା ମେଡିକାଲରେ ଅବ୍ୟବସ୍ଥା ନେଇ ଅନେକ ସମୟରେ ଗଣ ମାଧ୍ୟମରେ ପ୍ରକାଶ ପାଇବା ସହ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିଠାରୁ ଆରମ୍ଭ କରି ବିଭାଗୀୟ ମନ୍ତ୍ରୀଙ୍କୁ ମଧ ସ୍ଥାନୀୟ ଲୋକେ ଅବଗତ କରାଇଛନ୍ତି । ମୋହନା ମେଡିକାଲରେ ଡାକ୍ତର ସମସ୍ୟା, ଭାରପ୍ରାପ୍ତ ଡାକ୍ତରଙ୍କ ଅନୁପସ୍ଥିତି, ରଞ୍ଜନ ରଶ୍ମି ବିଭାଗ ନଖୋଲିବା, ଲୋକଙ୍କୁ ଜନ୍ମ, ମୃତ୍ୟୁପ୍ରମାଣ ପତ୍ର ପ୍ରଦାନରେ ଅହେତୁକ ବିଳମ୍ବ ଆଦି ବିଭିନ୍ନ ସମସ୍ୟା ରହିଛି । ଏସବୁ ସମସ୍ୟା ଥିବାରୁ ପ୍ରଶାସନର ଅସଲ ମୁଖା ଖୋଲିଯିବା ଭୟରେ ସ୍ୱାସ୍ଥ୍ୟ ସଚିବଙ୍କୁ ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ଜାଣିଶୁଣି ମୋହନା ମେଡିକାଲକୁ ନିଆଯାଇନଥିବା ଅଭିଯୋଗ ହୋଇଛି । ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼. ମୁବାରକ ଅଲ୍ଲୀଙ୍କୁ ପଚାରିବାରେ ସଚିବଙ୍କ ଗସ୍ତ ସୂଚୀ ବିଡ଼ିଓ ପ୍ରସ୍ତୁତ କରିଥିବା କହିଛନ୍ତି । ମୋହନା ମେଡିକାଲ ସମସ୍ୟା ଉପରେ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ସଚିବ କହିବା ସହ ମୋହନା ଏସଏସଡ଼ି ହାଇସ୍କୁଲ ପାଣି ସମସ୍ୟା ଓ ଚନ୍ଦ୍ରଗିରି ମେଡିକାଲ ଷ୍ଟାଫ କ୍ୱାଟର ପାଇଁ ପଦକ୍ଷେପ ନିଆଯିବ ବୋଲି ସଚିବ କହିଛନ୍ତି । ଏହି ଅବସରରେ କୁଇ କନ୍ଧ ଉନୟନ ସମିତି କୋଠାଘର ନିର୍ମାଣ ପାଇଁ ସମିତି କର୍ମକର୍ତ୍ତା ଦାବି କରିଛନ୍ତି । ତାଙ୍କର ଏହି ଗସ୍ତ ସମୟରେ ଗଜପତି ଉପଜିଲ୍ଲାପାଳ ଅନୁପ ପଣ୍ଡା, ସିଡ଼ିଏମଓ ଡ଼.ମୁବାରକ ଅଲି, ଜିଲ୍ଲା ଶିକ୍ଷାଧିକାରୀ ମାୟାଧର ସାହୁ, ଜିଲ୍ଲା ମଙ୍ଗଳଅଧିକାରୀ ସଲୋମନ ରାଇକା, ମୋହନା ବିଡ଼ିଓ ରାଜୀବ ଦାସଙ୍କ ସହ ବହୁ ଅଧିକାରୀ ଉପସ୍ଥିତ ଥିଲେ ।

ଜୀବନ ପାତ୍ର ଗଳିରେ ଜୀବନ ପ୍ରତି ବିପଦ, ପ୍ରତିକାର ଦାବି

ବୁଗୁଡ଼ା,୨୯।୪(ଅନୁପମ ମିଡ଼ିଆ): ଦୁର୍ଘଟଣାକୁ ଡାକୁଛି ଜୀବନ ପାତ୍ର ଗଳି । ଜୀବନ ପାତ୍ର ଗଳିରେ ପୁଣି ଦେଖା ଦେଇଛି ଜୀବନ ପ୍ରତି ବିପଦ । କେତେବେଳେ କାହାର ଜୀବନ ଚାଲିଯିବ ସେହି ଆଶଙ୍କାରେ ଏବେ ସାହି ବାସିନ୍ଦା । ବର୍ତ୍ତମାନ ରାସ୍ତା ମଝିରେ ଏବେ ବିରାଟ ଖାଲ । କେହି ଯଦି ଅସାବଧାନତା ବଶତଃ ଚାଲିଗଲେ ଦୁର୍ଘଟଣା ନିଶ୍ଚୟ ଘଟିବ । ବୁଗୁଡ଼ା ସହରର ଜୀବନ ପାତ୍ର ଗଳି ବିପଦପୂର୍ଣ୍ଣ ହୋଇ ପଡିଛି । ଏହି ଗଳି ମଝିରେ ଡ୍ରେନ ନିର୍ମାଣ କରାଯାଇଥିବା ବେଳେ ଏହି ଡ୍ରେନ ଉପରେ ପଡ଼ିଥିବା କଭର ପ୍ଲେଟ ପ୍ରତିବର୍ଷ ଭାଙ୍ଗି ଯାଉଛି ।

ଏହାର ସ୍ଥାୟୀ ସମାଧାନ ନକରି କେବଳ କାମଚଳା ମରାମତି କରି ଦିଆଯାଉଥିବାରୁ ପ୍ରତିବର୍ଷ ଏପରି ଅବସ୍ଥା ସୃଷ୍ଟି ହେଉଛି । ଏହି ରାସ୍ତା ଉପରେ ପ୍ରାୟ ୫ଟି ସାହିର ଲୋକ, ଛାତ୍ରଛାତ୍ରୀ ନିର୍ଭର କରୁଥିବା ବେଳେ ପିଲାମାନଙ୍କୁ ନେବା ଆଣିବା କରିବା ପାଇଁ ବିଭିନ୍ନ ସ୍କୁଲର ଗାଡି ମଟର ଏହି ରାସ୍ତାରେ ଯିବା ଆସିବା କରନ୍ତି । ତେବେ ରାସ୍ତା ମଝିରେ ଥିବା ଡ୍ରେନ ପ୍ଲେଟ ଭାଙ୍ଗି ଗର୍ତ୍ତ ସୃଷ୍ଟି ହୋଇଛି । ରାତିରେ ବାରମ୍ବାର ବିଦ୍ୟୁତ୍ କାଟ ଯୋଗୁଁ ଅନ୍ଧାର ସମୟରେ ସେହି ରାସ୍ତାରେ ଯାତାୟାତ ବେଳେ ଜନସାଧାରଣଙ୍କ ଜୀବନ ପ୍ରତି ବିପଦ ରହିଛି। ସମ୍ପ୍ରତି ବୁଗୁଡାରେ ଠାକୁରାଣୀ ଯାତ୍ରା ଚାଲିଥିବାରୁ ଲୋକଙ୍କ ଗହଳି ହେଉଥିବାରୁ ଖୁବ ଶୀଘ୍ର ଯଦି ବିକଳ୍ପ ବ୍ୟବସ୍ଥା କରା ନଯାଏ ତାହେଲେ ଅନେକ ଦୁର୍ଘଟଣା ଘଟିବା ଆଶଙ୍କା ଦେଖା ଦେଇଛି । ତେଣୁ ଏନ୍ଏସି ପ୍ରଶାସନ ପକ୍ଷରୁ ଯଥାଶୀଘ୍ର ଏଥି ପ୍ରତି ପ୍ରତିକାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି ।

ବାଇକ୍ ଦୁର୍ଘଟଣା: ସ୍ୱାମୀ ମୃତ, ସ୍ତ୍ରୀ ଓ ପୁଅ ଆହତ

କୁକୁଡ଼ାଖଣ୍ଡି,୨୯।୪(ଅନୁପମ ମିଡ଼ିଆ): ଆସ୍କା ରୋଡ ପାଲଟିଛି ମରଣଯନ୍ତା । ପ୍ରତିଦିନ ଦୁର୍ଘଟଣାର ଶୀକାର ହୋଇ ଧନ ଜୀବନ ନଷ୍ଟ ହେଉଛି । ରୋଡରେ ଡିଭାଇଡର ନଥିବାରୁ ଅସୁରକ୍ଷିତ ମରଣଯନ୍ତା ପାଲଟିଛି ବ୍ରହ୍ମପୁର ଠାରୁ ଆସିକା ମୁଖ୍ୟ ରାସ୍ତା । ଆଙ୍କୁଶପୁର ପୂର୍ବତନ ସମିତିସଭ୍ୟ ଟୁକୁନା ପାଣିଗ୍ରାହୀଙ୍କ ଦ୍ୱିତୀୟ ଭାଇ ଭଗବାନ ପାଣିଗ୍ରାହୀ (୪୨) ଗତ ସୋମବାର ରାତିରେ ନିଜ ସ୍ତ୍ରୀ ମନିଷା ପାଢ଼ି ଓ ପୁଅକୁ ନେଇ ବ୍ରହ୍ମପୁର ଠାକୁରାଣୀ ଯାତ୍ରା ବୁଲିବାକୁ ଯାଇଥିଲେ । ବିଳମ୍ବିତ ରାତ୍ରିରେ ଯାତ୍ରା ଦେଖି ଫେରିଲା ବେଳକୁ ଅଜଣା ଗାଡ଼ି ଦୁର୍ଘଟଣାରେ ଭଗବାନଙ୍କ ବାଇକ୍ ନଂ(ଓଆର-୦୭ଏମ-୮୦୭୬) ଭାରସାମ୍ୟ ହରାଇ ରୋଡ ତଳକୁ ଖସିପଡ଼ିଥିଲା । ସେ ଗୁରୁତର ଭାବରେ ଆହତ ହୋଇଥିଲେ । ତାଙ୍କରି ପେଟ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ତ୍ରୀ ମନିଷା ପାଢ଼ୀ ଘଟଣା ସ୍ଥଳରେ ଆହତ ହୋଇ ଅଚେତ ଅବସ୍ଥାରେ ପଡ଼ିରହିଥିଲେ ଓ ୫ବର୍ଷର ପୁଅର ହାତ ଓ ବେକରେ ଆଘାତ ଲାଗିଥିଲା । ବିଳମ୍ବିତ ରାତ୍ରିରେ ଅଘଟଣ ହୋଇଥିବାରୁ ବିଳମ୍ବରେ ଖବର ପାଇଥିଲେ ଘରଲୋକେ । ଖବର ପାଇ ଘରଲୋକେ ଅଟୋ ଯୋଗେ ଭଗବାନଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଚିକିତ୍ସାଧିନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଦୁଃଖଦ ଖବର ପାଇ ପରିବାର ଲୋକେ ଭାଙ୍ଗିପଡିଥିଲେ । ଦୁର୍ଘଟଣାର କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନି । ପରିବାର ଲୋକେ ତଦନ୍ତ ପାଇଁ ସଦରଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଶବ ବ୍ୟବଚ୍ଛେଦ ପରେ ଘରଲୋକଙ୍କୁ ମୃତ ଶରୀର ପ୍ରଦାନ କରିଥିଲେ । ଏହି ଖବର ପ୍ରଚାରିତ ପରେ ସାରା ଗ୍ରାମରେ ସୋକୋରେ ଛାୟା ଖେଳିଯାଇଛି । ସ୍ଥାନୀୟବାସୀଙ୍କ ଦାବି ତୁରନ୍ତ ରୋଡରେ ଡିଭାଇଡର୍ ନିର୍ମାଣ କରାଯାଉ । ନଚେତ ଏହିପରି ଅନେକ ଦୁର୍ଘଟଣାରେ ଜୀବନ ଯାଇ ବହୁ ପରିବାର ଉଜୁଡ଼ିଯିବ । ଯଦି ଏହାର ପ୍ରତିକାର ନ ହୁଏ ତେବେ ରାଜରାସ୍ତାକୁ ଆନ୍ଦୋଳନ ପାଇଁ ଅଞ୍ଚଳବାସୀ ଓହ୍ଲାଇବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି ।

ସପଙ୍ଗ ଠାକୁରାଣୀ ଯାତ୍ରା ପାଇଁ ଶୁଭ ଖୁଣ୍ଟି ସ୍ଥାପନ

ପାତ୍ରପୁର,୨୯।୪(ଅନୁପମ ମିଡ଼ିଆ): ପାତ୍ରପୁର ବ୍ଲକ ସପଙ୍ଗ ଗ୍ରାମରେ ଠାକୁରାଣୀ ଯାତ୍ରା ପାଇଁ ଆଜି ଶୁଭ ଖୁଣ୍ଟି ସ୍ଥାପନ ହୋଇଛି । ଆସନ୍ତା ମେ' ମାସ ୧୦ରୁ ଠାକୁରାଣୀ ଯାତ୍ରା ଆରମ୍ଭ ହେବ । ମେ ୧୪ରେ ମା' ସ୍ଥାୟୀ ମଣ୍ଡପକୁ ଫେରିବେ । ଏହି ଯାତ୍ରା ୫ବର୍ଷକୁ ଥରେ ଅନୁଷ୍ଠିତ ହେଉଛି । ଗତ ୨୦୨୧ରେ କୋରନା ହେତୁ ଯାତ୍ରା ଆଡମ୍ବର ହୋଇନଥିଲା । ଚଳିତ ବର୍ଷ ଯାତ୍ରା ମେ ମାସ ୧୦ ତାରିଖ ବୈଶାଖ ଶୁକ୍ଳ ତ୍ରୟୋଦଶୀ ଶନିବାରରେ ଠାକୁରାଣୀ ମା'ଙ୍କୁ ଅଣାଯିବ । ସପଙ୍ଗ କଳାପ୍ରେମୀ ଗାଁ ହୋଇଥିବାରୁ ଏହି ଯାତ୍ରାକୁ ଆଖପାଖ ଗାଁ ଲୋକମାନେ ଚାହିଁ ବସିଛନ୍ତି ।

ଗାଡ଼ି ଧକ୍କାରେ ମୃତ ଅଜଣା ବ୍ୟକ୍ତିଙ୍କ ପରିଚୟ ମିଳିଲା

ଚମାଖଣ୍ଡି, ୨୯।୪(ଅନୁପମ ମିଡ଼ିଆ): ଚମାଖଣ୍ଡି ଥାନା ଅଧିନ ଟିଟାମିୟମ କମ୍ପାନୀ ଗେଟ ସମ୍ମୁଖରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବ୍ୟକ୍ତିଙ୍କ ସୋମବାର ମୃତ୍ୟୁ ଘଟିଥିଲା । ଘଟଣାର ଖବର ପାଇ ଚମାଖଣ୍ଡି ଓ ଛତ୍ରପୁର ଥାନା ପୋଲିସ୍ ପହଞ୍ଚି ମୃତକଙ୍କୁ ଉଦ୍ଧାର କରିବା ସହିତ ଚମାଖଣ୍ଡି ଥାନାରେ ୧୮୨/୨୫ ରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ମେଡିକାଲ ପଠାଇ ତଦନ୍ତ ଜାରି ରଖିଥିଲେ । ଆଜି ତାଙ୍କର ପରିଚୟ ମିଳିଛି । ମୃତ ବ୍ୟକ୍ତି ଜଣଙ୍କ ପକେଟରୁ ମିଳିଥିବା ଆଧାର କାର୍ଡ଼ରୁ ତାଙ୍କ ନାମ ଲଛମନ ମୁଣ୍ଡା (୩୫ବର୍ଷ) । ସେ ବେଙ୍ଗାଲୁରରେ ରହୁଥିଲେ । ତାଙ୍କ ବାପାଙ୍କ ନାମ ରାଜେଶ ମୁଣ୍ଡା ବୋଲି ଜଣାପଡ଼ିଛି । ବ୍ରହ୍ମପୁର ମେଡ଼ିକାଲ ଶବବ୍ୟବଚ୍ଛେଦ ଗୃହରେ ମୃତ ଲଛମନଙ୍କ ଶବ ରହିଛି । ପରିବାର ସଦସ୍ୟ ଆସି ଶବକୁ ନନେଲେ ମ୍ୟୁନିସିପାଲଟିକୁ ହସ୍ତାନ୍ତର କରାଯିବ ବୋଲି ଚମାଖଣ୍ଡି ଥାନା ସବଇନସିପେକ୍ଟର ଲକ୍ଷ୍ମୀପ୍ରିୟା ମଲିକ ସୂଚନା ଦେଇଛନ୍ତି ।

ବୈଶାଖୀ ମେଳା: ନାଚ ଗୀତରେ ଝୁମିଲେ ଦର୍ଶକ

ଫୁଲବାଣୀ,୨୯। ୪(ଅନୁପମ ମିଡିଆ): କନ୍ଧମାଳ ବୈଶାଖୀ ଉତ୍ସବ ଓ ବାଣିଜ୍ୟ ମେଳାର ଦ୍ୱିତୀୟ ଦିନରେ ମୁଖ୍ୟ ଅତିଥି ଭାବେ ଡିଏସପି ମାନସ ରଞ୍ଜନ ବାରିକ ଯୋଗ ଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ଦୀର୍ଘ ୧୨ଦିନ ବ୍ୟାପୀ ଅନୁଷ୍ଠିତ ଏହି ମେଳା କନ୍ଧମାଳର କଳା ସଂସ୍କୃତି ଓ ପରମ୍ପରାକୁ ଲୋକଲୋଚନକୁ ଆଣିବା ସହ ନୂତନ କଳାକାର ସୃଷ୍ଟି ଦିଗରେ ସହାୟକ ହେବ ବୋଲି କହିଥିଲେ । ଏହି ଅବସରର ଅନୁଷ୍ଠାନର ପରିଚାଳନା କମିଟି ଅଧକ୍ଷ ତଥା ବରିଷ୍ଠ ସାମ୍ବାଦିକ ସୁନୀଲ ପଟ୍ଟନାୟକ ଓ ଉପାଧକ୍ଷ ରାଧାମୋହନ ମହାପାତ୍ର ମୁଖ୍ୟ ଅତିଥି ବାରିକଙ୍କୁ ପୁଷ୍ପଗୁଛ, ଉପଢ଼ୌକନ ଓ ସ୍ମାରକୀ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଦ୍ୱିତୀୟ ଦିନରେ ନିହାରିକ ଡାନ୍ସ ଗ୍ରୁପ ଓ ଫ୍ରେଣ୍ଡସ ଡାନ୍ସ ଗ୍ରୁପର କଳାକାରମାନଙ୍କ ଆକର୍ଷଣୀୟ ନାଚରେ ଦର୍ଶକ ମତୁଆଲା ହେଇଥିଲେ । ମୁଖ୍ୟ ଅତିଥି ବାରିକ ଦୁଇ ଗ୍ରୁପକୁ ମାନପତ୍ର ଓ ସ୍ମାରକୀ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । କମିଟି କୋଷାଧକ୍ଷ ପ୍ରଶନ୍ନ ସ୍ୱାଇଁ ଓ ବରିଷ୍ଠ ସାମ୍ବାଦିକ ସନ୍ତୋଷ ଦିଗାଲ, ଉପ ସଭାପତି ସୁଜିତ୍ ବେହେରା, ସଂପାଦକ କାହ୍ନୁଚରଣ ଶତପଥୀ, ସଦସ୍ୟ ମୁଷନ୍ ସୁଆର, ବିରଜିନୀ ମହାପାତ୍ର, ନିବେଦିତା ଖଡଙ୍ଗା, ରୁପମ୍ବିକା ତ୍ରିପାଠୀ, ସୁଭ୍ରା ପଟ୍ଟନାୟକ, ସରସ୍ୱତୀ ସାହୁ, ଦିନେଶ କୁମାର ବେହେରା, ନିହାରିକ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ । ପ୍ରଧାନ ଶିକ୍ଷକ ସୁରନାୟକ ସୁନ୍ଦର ଆଙ୍କରିଂ କରିଥିଲେ । ଏହି ମେଳା ଆସନ୍ତା ୮ତାରିଖ ଯାଏ ଚାଲିବ ।

ମୋଟର ସାଇକେଲ ଦୁର୍ଘଟଣାରେ ଦୁଇ ଗୁରୁତର

ବୁଗୁଡା,୨୯।୪(ଅନୁପମ ମିଡ଼ିଆ): ବୁଗୁଡ଼ା-କରସିଙ୍ଗି ରାସ୍ତାରେ ବିରଞ୍ଚିପୁର ଗ୍ରାମ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ୩ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି । ଗୁରୁତର ଦ୍ୱୟ ହେଲେ ବିରଞ୍ଚିପୁର ଗ୍ରାମର ସୁରେନ୍ଦ୍ର ନାଇକ (୬୦) ଓ ସିମାଞ୍ଚଳ ବେହେରା (୨୫) ଏବଂ ଆହତ ଜଣକ ହେଲେ ଶିବରାମ ସେଠୀ (୨୨) । ପ୍ରକାଶ ଯେ, ସୋମବାର ରାତି ପ୍ରାୟ ସାଢେ ୯ଟା ବେଳେ ଶିବରାମ ଓ ସିମାଞ୍ଚଳ ମୋଟର ସାଇକେଲରେ ବୁଗୁଡାରୁ ବିରଞ୍ଚିପୁର ଗାଁକୁ ଯାଉଥିବା ବେଳେ ଗାଁ ପୂର୍ବରୁ ରାସ୍ତାରେ ଚାଲି ଚାଲି ଯାଉଥିବା ସୁରେନ୍ଦ୍ରଙ୍କୁ ଧକ୍କା ଦେଇଥିଲା ।

ଦୁର୍ଘଟଣାରେ ସୁରେନ୍ଦ୍ରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା ବେଳେ ସିମାଞ୍ଚଳର ଡାହାଣ ହାତ ଭାଙ୍ଗି ଯାଇଥିଲା ଏବଂ ମଟରସାଇକେଲ ଚାଳକ ଶିବରାମର ମୁହଁରେ ଆଘାତ ଲାଗିଥିଲା। ଆହତ ତିନି ଜଣଙ୍କୁ ଦୁର୍ଘଟଣା ସ୍ଥଳରୁ ଉଦ୍ଧାର କରାଯାଇ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ସମସ୍ତଙ୍କ ପ୍ରାଥମିକ ଚିକିତ୍ସା ପରେ ସୁରେନ୍ଦ୍ର ଓ ସିମାଞ୍ଚଳର ଅବସ୍ଥା ଗୁରୁତର ଥିବାରୁ ସେଦୁହିଁଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା ।

'ସମବାୟ ବିକାଶରେ ଉତ୍କଳ ଗୌରବଙ୍କ ଭୂମିକା' ସମ୍ପର୍କିତ ଆଲୋଚନା ଚକ୍ର

ଫୁଲବାଣୀ, ୨୯।୪(ଅନୁପମ ମିଡ଼ିଆ): ଚଳିତ ବର୍ଷ ଡିସେମ୍ବର-୨୦୨୫ ପର୍ଯ୍ୟନ୍ତ ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଅବସରରେ ବର୍ଷ ବ୍ୟାପି କାର୍ଯ୍ୟକ୍ରମ ଜିଲାରେ ଅନୁଷ୍ଠିତ ହେଉଛି । ସମବାୟ ମାଧ୍ୟମରେ ଓଡିଶାବାସୀଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବାକୁ ଉତ୍କଳ ଗୌରବ ମଧୁସୂଦନ ସମବାୟ ଆନ୍ଦୋଳନର ମୂଳଦୁଆ ପକାଇଥିଲେ । ଦେଶରେ ସମବାୟ ଆନ୍ଦୋଳନ ପୂର୍ବରୁ ଉତ୍କଳ ଗୌରବ ମଧୁସୂଦନ ଦାସ କଟକରେ ଖାଉଟି ସମବାୟ ଭଣ୍ଡାର ଆରମ୍ଭ କରିଥିଲେ । ଉତ୍କଳ ଟ୍ୟାନେରୀ ମାଧ୍ୟମରେ ସମବାୟ ଆନ୍ଦୋଳନ କରି ନିଯୁକ୍ତି ସୁଯୋଗ ସୃଷ୍ଟି କରିଥିଲେ । କନ୍ଧମାଳ ଜିଲ୍ଲାରେ କୃଷି, ମତ୍ସ୍ୟ, ପ୍ରାଣୀପାଳନ, ଉଦ୍ୟାନ, ଗୋପାଳନ, ଛତୁଚାଷ, ମସଲା, ହସ୍ତଶିଳ୍ପ ଇତ୍ୟାଦି ସହିତ ହୋଟେଲ, ସ୍କୁଲ କଲେଜ, ହସପିଟାଲ ଇତ୍ୟାଦି ନୂଆ କ୍ଷେତ୍ରରେ ସମବାୟର ବିକାଶ ହୋଇପାରିବ । ସମବାୟବିତ ମାନଙ୍କ ସହଯୋଗରେ ମହିଳା ଓ ଯୁବ ସମାଜକୁ ଅଧିକ ଆର୍ଥିକ ସ୍ୱାବଲମ୍ବୀ କରିବା ଆବଶ୍ୟକ । କିନ୍ତୁ ଓଡିଶାରେ ସମବାୟ ସମ୍ପର୍କରେ ଇଚ୍ଛାଶକ୍ତି ଅଭାବ ସାଙ୍ଗକୁ ପ୍ରଚାର ପ୍ରସାର କମ ରହୁଛି । ସମବାୟ ଆଜି ଗରିବ ଜନସାଧାରଣଙ୍କର ହୋଇ ରହିନାହିଁ । ପରିଚାଳନା ଗତ ତ୍ରୁଟି ଓ ନିଷ୍ଠାର ଅଭାବ ଯୋଗୁଁ ଏହି ସଂସ୍ଥା ଆଜି ଜନସାଧାରଣଙ୍କ ଆଶା ପୂରଣ କରିପାରୁନାହିଁ । ଏହି ଅବସରରେ ଉପନିବନ୍ଧକ ସମବାୟ ସମିତି ସମୂହ ତୃପ୍ତି କଲ୍ୟାଣ ସେଠୀଙ୍କ ପୌରୋହିତ୍ୟରେ ସମବାୟ ଆନ୍ଦୋଳନରେ ମଧୁସୂଦନ ଦାସଙ୍କ ଭୂମିକା ସମ୍ପର୍କରେ ଏକ ଆଲୋଚନା ଚକ୍ର ଜିଲା ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ କୁଶଳ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମବାୟ ମାଧ୍ୟମରେ ଗରିବ ଜନସାଧାରଣଙ୍କ ଆର୍ଥିକ ବିକାଶ ସମ୍ଭବ ବୋଲି କହିଥିଲେ। ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଡ.ସଞ୍ଜିବ ପଟେଲ ଯୋଗ ଦେଇ ପ୍ରାଣୀ ପାଳନ ସମବାୟ ମାଧ୍ୟମରେ ରୋଜଗାର ହୋଇପାରିବ ବୋଲି କହିଥିଲେ । ମୁଖ୍ୟବକ୍ତା ରାମକୃଷ୍ଣ ମହାନ୍ତି ମଧୁସୂଦନଙ୍କ ଜୀବନୀ ଓ ସମବାୟ ଆନ୍ଦୋଳନର ଭୂମିକା ସମ୍ପର୍କରେ ବ୍ୟାପକ ଭାବେ ବକ୍ତବ୍ୟ ରଖିଥିଲେ। ଉପକୃଷି ନିର୍ଦ୍ଦେଶକ ତୁଷାର କାନ୍ତି ତୁଙ୍ଗ, ସହକାରୀ ଉପନିବନ୍ଧକ, ଲଳିତ ମାଝି, ଜିତେନ୍ଦ୍ର ମିଶ୍ର, ପ୍ରମୁଖ ଏହି ଦିବସରେ ବିଭାଗୀୟ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମକୁ ସହକାରୀ ପ୍ରବନ୍ଧକ ସୁକାନ୍ତ କୁମାର ପାଢୀ ସଂଯୋଜନା କରିଥିବା ବେଳେ ଏସ.ଆରସି ଗଙ୍ଗାଧର କହଁର, ଜ୍ୟୋତିର୍ମୟ ପ୍ରଧାନ, ସତ୍ୟଜିତ ବେହେରାଙ୍କ ସହ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଏହି ଅବସରରେ ଆମ ଓଡ଼ଶା ସହଯୋଗରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୫୧ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

OFFICE OF THE EXECUTIVE ENGINEER, L.I. DIVISION, BERHAMPUR
e-mail: eeolicbam@ymail.com
e-Procurement Notice
Bid Identification No.03/2025-26 OLIC (BAM)/ Dt. 24.04.2025

The Executive Engineer, Lift Irrigation Division, Berhampur on behalf of OLIC invites Percentage Rate bids in Single Cover system to be received in online Mode only, for Revival of LIPs in Ganjam District as detailed in the table below. The Bid should be submitted by the eligible class of contractors as mentioned below registered with the State Government and contractors of equivalent grade / class registered with Central Government/M.E.S./ Railways/C.P.W.D. for execution of Civil Works through on line in the Govt. website www.tendersodisha.gov.in. The bidders should have necessary portal enrolment with own. digital signature certificate. The Contractor having similar nature of works may be preferred.
1. Numbers of Package :57 Numbers
2. Estimated Cost :Rs.8.64 lakhs to 16.79 lakhs
3.Tender Cost :As per DTCN
4.Class of Contractor : As per DTCN
5. Date & time of publication :Dt. 28.04.2025 from 12.00 Noon.
6.Date & time of closing :Dt. 08.05.2025 at 17.00hrs
7.Date & time of opening of bid :Dt. 09.05.2025 at 12.00 Noon
Further details can be seen from the website www.tendersorissa.gov.in.
Addendum/corrigendum/cancellation of tender, if any, can be seen in the said website
OIPR 32442/11/0010/2526 CAD 241 **Sd/- EXECUTIVE ENGINEER**

GOVERNMENT OF ODISHA
OFFICE OF THE SUPERINTENDING ENGINEER, GANJAM [R&B] DIVISION NO.II, BERHAMPUR
Phone/Fax: 0680-2233996, e-mail: sernb2.ganjam@gmail.com
INVITATION FOR BIDS (IFB) [e-Procurement]

TENDER CALL NOTICE

Bid Identification No. SC (R&B)-GM-II-01/2025-26 No. 500 Dated.23.04.2025

1) The Superintending Engineer, Ganjam [R&B] Division No.II, Berhampur on behalf of Governor of Odisha invites **percentage rate bid** in Single cover system to be received in **ONLINE MODE** only for the work as detailed below:
2) Nature of Work : Building work
3) No. of work : 03 Nos.
4) Tender Cost : Rs.6,000/-
5) Class of Contractor : 'D' Class & 'C' Class
6) Availability of bid documents in the website : From 03.05.2025 10.00 AM to 15.05.2025 4.00 P.M.
7) Date of opening of Bid : 16.05.2025 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in
9) The bidders must submit all the original uploaded documents within 03 days from opening of the tender.

(Sd/- S. Panigrahi)
Superintending Engineer
Ganjam (R&B) Division No.II
OIPR 34080/11/0014/2526 B 62

☎: 06814-295053
(E-mail): dgp_nac@yahoo.com
N.A.C. Digapahandi, Gm.

NOTIFIED AREA COUNCIL, DIGAPAHANDI
GANJAM, ODISHA, PIN – 761012

Letter No: 931 /DIGNAC Date: 25.04.2025

E-Procurement Notice
BID IDENTIFICATION NO: DIGNAC-02/2025-26
TENDER ID – 2025_ORULB_112815

01	PROCUREMENT OFFICER-PUBLISHER / OFFICER INVITING THE TENDER / BIDS (OIT)	EXECUTIVE OFFICER NAC DIGAPAHANDI
02	NAME OF THE WORKS / PACKAGES	INDIVIDUAL CIVIL CONSTRUCTION WORKS AS PULISHED IN THE WEBSITE
03	NOS. OF WORKS	28NO'S
04	DATE & TIME OF AVAILABILITY OF BID DOCUMENTS IN THE PORTAL	FROM 11.00 HOURS OF DTD 26/04/2025 TO 13.00 HOURS OF DTD. 16/05/2025
05	LAST DATE/TIME FOR RECEIPT OF BIDS IN THE PORTAL (SUBMISSION OF TECHNICAL BIDS & FINANCIAL BIDS)	13.00 HOURS OF DTD. 16/05/2025
06	DATE & TIME OF OPENING OF THE BIDS	11.00 AM hrs. onwards on dtd. 17.05.2025 (IF ANY HOLIDAY, THEN THE TENDER WILL BE OPENED ON NEXT WORKING DAY)

N.B: Further more details can be seen in the DTCN available in the e-Procurement portal i.e. https://tendersorissa.gov.in.
Sd/- Executive Officer
NAC,Digapahandi,Ganjam
OIPR 13117/11/0019/2526 C 187

COURT-II
THE COURT OF THE ADDL.COMMISSIONER OF SETTLEMENT AND CONSOLIDATION (S.D.), AT BERHAMPUR, DISTRICT-GANJAM, S.R.P. No.499/2018.

Smt. Binodini Das.......Petitioner.
-Versus-
Mana Mohan Panigrahi and seven others......Opp.Parties.
NOTICE Uo V, Rule 20 (1-A) C.P.C
1. Mana Mohan Panigrahi S/o.late.LingarajPanigrahi.
2. Murali Mohan Panigrahi, S/o.late.LingarajPanigrahi.
3. Susama KumariPanigrahi, D/o.late.LingarajPanigrahi.
4. Smt. SumamayiPanigrahi, Wio.late.LingarajPanigrahi.
All are resients of State Bank Road, Post-Berhampur, P.S.-Berhampur Town, District-Ganjam.
5. Dandapani Sahu S/o late.Aurjun Sahu, Resident of Village/Post-Hatiotto,P.S.-Purushottampur, District-Ganjam.
6 Smt.Rama Devi Samantara ,W/o.Dinabandhu Samantara, Resident of Village/Post/P.S.-Polasara, District-Ganjam.
7. The Tahasildar, Polasara,At/Post-Polasara, District - Ganjam.
8. The Settlement Officer,At/Post-Brahmapur, District- Ganjam
.......Opp.Parties.

Whereas the above named petitioner has instituted the above settlement revision petition to record the following land schedule in her favour on the strength of purchase and possession. In spite of notices issued, you the O.P.No.1 to 6 are avoiding to receive the same. So, you the O.P.No.1 to 6 are hereby summoned to appear before the court of the under signed in person or by your advocate duly authorised and able to answer all material facts relating to the above revision on the day on the 7th day of May. 2025 at 11 AM to answer the claims or to file objections. To take notice that in default of your appearance on the day mentioned above, the case will be heard & disposed of in your absence.
SUIT SCHEDULE PROPERTY
Mouza/Tahasil/P.S-Polasara, District - Ganjam

Sabik Khata	Sabik Plot	Sabik Extent	Hal Khata	Hal Plot	Hal Extent
281	18/2	Ac.2.00	550	2622	Ac.0.100
				2623	Ac.0.233
				2624	Ac.0.013
				2625	Ac.0.012
				2646	Ac.0.182
				2647	Ac.0.060
				2648	Ac.0.280
				2649	Ac.0.169
				2650	Ac.0.205
				2651	Ac.0.060
				2652	Ac.0.134
				2653	Ac.0.178
				2654	Ac.0.082
				2692	Ac.0.022
				2693	Ac.0.081
				2694	Ac.0.026
					Ac.1.637

Given under my hand and seal of of Court date: 17.03.2025
Sd/-Additional Commissioner of Settlement Consolidation, Berhampur Ganjam

AFFIDAVIT
By virtue of an affidavit sworn before the executive magistrate PolasaraGanjamI Smt. Puja Sahu, W/o- Sri Santosh Kumar Sahu and D/o- Padma Pradhan residence of Vill- Chadiapada, Po- Kalamba, PS- Polasara, in the district of Ganjam (Odisha), do hereby declare vide sl.no A-1310 dt 06.12.2024 That, before my marriage myself known as Puja Pradhan, D/o- Padma Pradhan, of Vill/Po-Polasara(MathaSahi), Ps-Polasara, Dist- Ganjam which is recorded as per my previous Adharcaed Vide No- 2296 4495 7225 & SBI Bank Pass Book Vide A/C No- 34095363948 but I got married to one Sri Santosh Kumar sahoo, S/o- Nursih Sahoo, of Vill-Chadiapada, Po-Kalamba, PS- Polasara, Ganjam as per Hindu Rites and Costume about 03 years back, by virtue of my marriage from that day myself known as Puja Sahu, W/o-Santosh Kumar Sahu which is recorded as per my correction Aadhaar card Vide Number 2296 4495 7225 and other relevant documents.That, therefore both my name i.e Puja Sahu, W/o-Santosh Kumar Sahu and Puja Pradhan, D/o- Padma Pradhan is one and same person and there is no such other person in such name and such title in our locality except myself.

NOTICE
By virtue of the affidavit sworn before the Concerned authority dated 07.11.2024 ARATI NAHAK Address: At/PO-SUNDARPUR PS-CHATRAPUR PIN-761045 DIST-GANJAM PIN declare that I have changed my name from PUJA NAHAK to ARATI NAHAK Henceforth, I shall be known as ARATI NAHAK for all purpose

AFFIDAVIT
By virtue of an affidavit made before the Notary, Talcher vide N.R.no 1008 dated 16.04.2025, I Bhupen kumar Agarwalla s/o Narayan Lal At: Thana sahi,po: Talcher town ,ps: Talcher,Dist: Angul, Odisha,pin:759107 do hereby declare that my name has been mentioned in my adhaar card and Pan card as Bhupen kumar Agarwal (correct name)and in my passport which is used by Republic of India my name as Bhupen kumar Agarwalla (incorrect name). Hence from today's I will be known as Bhupen kumar Agarwal for all purposes ie for necessary correction my name as Bhupen kumar Agarwal in my said passport .

AFFIDAVIT
I, Manasa Ranjan Pattanayak, S/o Subash Chandra Pattanayak, At: Bijaya Tower two, Saradhabali, Khodasinghi, Po : Enginearing School, Ps : B. N. Pur, Berhampur, Pin : 760 010, Dist : Ganjam, Odisha declare by this affidavit No : A-3746, Dt: 28-04-2025 that I have changed my name from Manasa Ranjan Pattanayak to **Manas Ranjan Pattanayak** for all future purposes.

MCL **ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍**
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

ବିଜ୍ଞପ୍ତି
"ସାମଗ୍ରୀଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ **www.coalindia.in**/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, **www.mahanadicoal.in**), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ **https://coalindiatenders.nic.in** ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ **https://eprocure.gov.in** ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM **portal https://gem.gov.in** ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ ।"
R-5251

OFFICE OF THE PANCHAYAT SAMITI, ASKA, GANJAM
Email Id:ori- aska@gramsat.nic.in PhNo:06822-273619

The Block Development Officer, Aska on behalf of Govt. Of Odisha, Invites sealed tender in confirming with sealed tender call notice (D.T.C.N) from the Registered contractor of state PWD or equivalent class of CPWD /Railway/MES/Central Govt./State Govt. Undertaking for the following works to be eventually drawn up in the percent rate contractor from (P-1).

Sl NO	Name of the Work	Approximate Estimate Cost in Rs	EMD in Rs	Eligibility of Contractor	Time of Completion	Cost of Tender Paper (Non Refundable)
1	Construction of GPLF Office Building with Market Complex At Pandiapathar	2167655/-	21700/-	"B"&"C" Class	6 Months	6000/
2	Construction of GPLF Office Building with Market Complex At Balisira	2155115/-	21600/-	"B"&"C" Class	6 Months	6000/
3	Construction of GPLF Office Building with Market Complex At Bangarada	2167665/-	21700/-	"B"&"C" Class	6 Months	6000/
4	Construction of GPLF Office Building with Market Complex At Baragam	2181442/-	21900/-	"B"&"C" Class	6 Months	6000/
5	Construction of GPLF Office Building with Market Complex At Babanapur	2167665/-	21700/-	"B"&"C" Class	6 Months	6000/
6	Construction of GPLF Office Building with Market Complex At Khandadeuli	2359738/-	23600/-	"B"&"C" Class	6 Months	6000/

1. Date of sale of tender papers :25.04.2025 to 13.05.2025 1.00 At-P.M
2. Last Date of receipt of tender papers :14.05.2025 up to 1.00 PM
3. Date of opening of tender papers :15.05.2025 at 11.00 A.M
4. For more details and terms & condition ,please visit WWW.Ganjam.Nic.In

Yours faithfully,
Sd/- Block Development Officer
Aska.
OIPR 19169/11/0004/2526